# NATIONAL NEWS BULLETIN (ODIA)

## 26 May - 2025

## Evening Bulletin : 7.15 p.m.

****************************

## ମୁଖ୍ୟ ସମ୍ବାଦ

- ଦେଶର ସଶସ୍ତ୍ର ବାହିନୀ ସମ୍ପୂର୍ଣ୍ଣ ସଶକ୍ତ ହେବା ସହିତ ଏକ ଉନ୍ନତ ଆର୍ଥିକ ସ୍ଥିତି ହିଁ ବିକଶିତ ଭାରତ ଗଠନର ମୂଳମନ୍ତ୍ର, କହିଲେ ପ୍ରଧାନମନ୍ତ୍ରୀ ।
- ଦେଶର ସାମଗ୍ରୀକ ଅର୍ଥନୈତିକ ଅଭିବୃଦ୍ଧି ହାସଲ ଲାଗି କୃଷି ଉତ୍ପାଦ ବିକ୍ରିବଟା କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବାକୁ କୃଷକମାନଙ୍କୁ ଆହ୍ୱାନ ଦେଲେ ଉପରାଷ୍ଟ୍ରପତି ।
- ଭାରତର ଅଖଣ୍ଡତା ଓ ଏହାର ନାଗରିକଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ଯେକୌଣସି ଶକ୍ତିକୁ ପ୍ରତିହତ କରିବା ଦିଗରେ ନବଭାରତ ସର୍ବଦା ଜାଗ୍ରତ ବୋଲି କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଦେଶରେ କୋଭିଡ୍ ସଂକ୍ରମଣ ସ୍ଥିତିକୁ ନେଇ ଭୟଭୀତ ନ ହୋଇ ସତର୍କ ରହିବା ଲାଗି ଜନସାଧାରଣଙ୍କୁ ଆଇ.ସି.ଏମ୍.ଆର୍.ର ମହାନିର୍ଦ୍ଦେଶକଙ୍କ ପରାମର୍ଶ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଲା ପଞ୍ଜାବ କିଙ୍ଗସ୍ ।

## ପିଏମ୍-ଗୁଜରାଟ

ଭାରତକୁ କ୍ଷତି ପହଞ୍ଚାଇବା ହେଉଚି ପାକିସ୍ତାନର ଏକମାତ୍ର ଲକ୍ଷ୍ୟ । ମାତ୍ର ଦେଶରୁ ଦାରିଦ୍ର୍ୟ ଦୂରୀକରଣ ସହ ଆର୍ଥିକ ବିକାଶ କରିବା ଭାରତର ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ଗୁଜରାଟ ଗସ୍ତ ଅବସରରେ ଶ୍ରୀ ମୋଦୀ ଦାହଦ ଠାରେ ଆୟୋଜିତ ଏକ ସାଧାରଣ ସମାବେଶରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ସେ କହିଛନ୍ତି, ଦେଶର ସଶସ୍ତ୍ର ବାହିନୀ ସମ୍ପୂର୍ଣ୍ଣ ସଶକ୍ତ ହେବା ସହ ଆର୍ଥିକ ସ୍ଥିତି ଉନ୍ନତ ହୋଇପାରିଲେ ହିଁ ଭାରତ ବିକଶିତ ହୋଇପାରିବ । ଏକ ବିକଶିତ ଭାରତ ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପହଲଗାମ ସନ୍ତ୍ରାସବାଦ ଆକ୍ରମଣ ସମ୍ପର୍କରେ ନିଜର ମତାମତ ରଖି ପ୍ରଧାନମନ୍ତ୍ରୀ କହିଛନ୍ତି, ଅପରେସନ ସିନ୍ଦୂର କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଏହା ସମଗ୍ର ଦେଶର ଭାବନାର ପ୍ରତିଫଳନ । ସନ୍ତ୍ରାସବାଦୀମାନେ ଭାରତର ୧୪୦ କୋଟି ଦେଶବାସୀଙ୍କୁ ଦେଇଥିବା

ଆହ୍ୱାନର ସଫଳ ମୁକାବିଲା କରିବା ଲାଗି ସରକାର ସେମାନଙ୍କର ଆଡ୍ଡା ସ୍ଥଳୀ ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଲାଗି ତିନି ବାହିନୀକୁ ପୂର୍ଣ୍ଣ କ୍ଷମତା ଅର୍ପଣ କରିଥିଲେ । ଅପରେସନ ସିନ୍ଦୂର ମାଧ୍ୟମରେ ତିନି ସେନାର ସଶସ୍ତ୍ର ବାହିନୀ ସୀମା ଆରପଟେ ଥିବା ସନ୍ତ୍ରାସବାଦୀମାନଙ୍କର ୯ଟି ବୃହତ ଆଡ୍ଡା ସ୍ଥଳୀକୁ ଧ୍ୱଂସ କରିବାରେ ସଫଳ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM-OP.-SINDOOR**

ଶ୍ରୀ ମୋଦୀ କହିଛନ୍ତି, ଘରୋଇ ଚାହିଦାକୁ ମେଣ୍ଟାଇବା ସହ ବିଦେଶକୁ ରପ୍ତାନୀ କରିବା ଉଦ୍ଦେଶ୍ୟରେ ଭିତ୍ତିଭୂମି କ୍ଷେତ୍ରକୁ ସରକାର ସର୍ବଦା ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି । ଦେଶର ବିକାଶ ଲାଗି ସମସ୍ତ ଉତ୍ପାଦକୁ  ଭାରତରେ ଉତ୍ପାଦନ କରିବା ହେଉଛି ବର୍ତ୍ତମାନ ସମୟର ଆହ୍ୱାନ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ସ୍ମାର୍ଟ୍ ଫୋନ୍‌ଠାରୁ ଆରମ୍ଭ କରି ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର ପର୍ଯ୍ୟନ୍ତ ସବୁକିଛି ଭାରତରେ ଉତ୍ପାଦନ କରାଯାଉଛି । ଏହାଛଡ଼ା ରେଳ, ମେଟ୍ରୋ ଓ ଏଥିଲାଗି ଆବଶ୍ୟକ ଜ୍ଞାନକୌଶଳ ମଧ୍ୟ ନିଜ ଦେଶରେ ବିକଶିତ କରାଯିବା ସହିତ ବିଭିନ୍ନ ଦେଶକୁ ରପ୍ତାନୀ କରାଯାଉଛି ।

**V/O- PM---OUR-EXPORT-DAHOD-EX**

ଏହି ସମାରୋହରେ ଉଦ୍‌ବୋଧନ ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ୧୧ ବର୍ଷ ମଧ୍ୟରେ ରେଳବାଇକୁ ଏକ ନୂତନ ଶିଖରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ମୋଦୀ ସରକାରଙ୍କ ପକ୍ଷରୁ ଏହି କ୍ଷେତ୍ରରେ ନିଆଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

ପ୍ରଧାନମନ୍ତ୍ରୀ ଆଜି ଗୁଜରାଟର ଦାହୋଦଠାରେ ୨୪ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଗୁଜରାଟକୁ ଦୁଇଦିନିଆ ଗସ୍ତ ଅବସରରେ ଶ୍ରୀ ମୋଦୀ ଦାହୋଦ ଲୋକମୋଟିଭ୍ ନିର୍ମାଣ ପ୍ଲାଣ୍ଟକୁ ଲୋକାର୍ପଣ କରିଛନ୍ତି ।

## ଭାଇସ୍ ପ୍ରେସିଡେଣ୍ଟ

କୃଷକ ଓ କୃଷି କ୍ଷେତ୍ରର ବିକାଶ ଦ୍ୱାରା ଏକ ବିକଶିତ ଭାରତ ଗଠନ ସମ୍ଭବ ହୋଇପାରିବ ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି । ଆଜି ମଧ୍ୟପ୍ରଦେଶର ନର୍ସିଂପୁରଠାରେ ତିନି ଦିନିଆ କୃଷି ଉଦ୍ୟୋଗ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।  ଶ୍ରୀ ଧନଖଡ଼ କହିଛନ୍ତି, କୃଷକମାନେ କେବଳ ଶସ୍ୟ ଉତ୍ପାଦନରେ ନିଜକୁ ସୀମିତ ନ ରଖି ନିଜ ଉତ୍ପାଦର ବିକ୍ରିବଟା କରିବା ଦିଗରେ ସରକାରଙ୍କ ବିଭିନ୍ନ ଯୋଜନାର ସୁଯୋଗ ନେବା ଉଚିତ୍ । ଏହାଦ୍ୱାରା ସେମାନେ ନିଜେ ଉପକୃତ ହେବା ସହିତ କୃଷି କ୍ଷେତ୍ର

ମାଧ୍ୟମରେ ଦେଶର ଅର୍ଥନୀତି ଅଭିବୃଦ୍ଧି ଦିଗରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇପାରିବେ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

## ଅମିତ ଶାହା-ନାନ୍ଦେଦ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଶରୁ ସନ୍ତ୍ରାସବାଦ ଏବଂ ନକ୍ସଲବାଦର ସମ୍ପୂର୍ଣ୍ଣ ବିଲୋପ କରିବା ଦିଗରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି । ଶ୍ରୀ ଶାହାଙ୍କ ମହାରାଷ୍ଟ୍ର ଗସ୍ତ ଅବସରରେ ଆଜି ନାନ୍ଦେଦ୍ ଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଶିବିର ଗୁଡ଼ିକୁ ଅପରେସନ ସିନ୍ଦୂର ମାଧ୍ୟମରେ ଧ୍ୱଂସ କରିବା କ୍ଷେତ୍ରରେ ଭାରତୀୟ ସେନାର ସଫଳତା ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଭାରତର ଅଖଣ୍ଡତା ଏବଂ ଏହାର ନାଗରିକଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ଯେକୌଣସି ଶକ୍ତିକୁ ନବଭାରତ ଉଚିତ ଜବାବ ଦେଇପାରେ ବୋଲି ଏହି ଅପରେସନ ମାଧ୍ୟମରେ ସମଗ୍ର ବିଶ୍ୱକୁ ଏକ ଦୃଢ଼ ବାର୍ତ୍ତା ଦିଆଯାଇ ପାରିଛି ।

ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ବସନ୍ତ ରାଓ ନାୟକଙ୍କର ପୂର୍ଣ୍ଣାବୟୋବ ପ୍ରତିମୂର୍ତ୍ତି ଉନ୍ମୋଚନ  କରିଛନ୍ତି । ଏଥିସହ

ମହାରାଷ୍ଟ୍ରର ମରାଠୱାଡ଼ା ଅଞ୍ଚଳରେ ଦେଖାଦେଇଥିବା ଜଳସମସ୍ୟାକୁ ସଫଳତାର ସହ ସମାଧାନ କରିବା ଦିଗରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିଶଙ୍କ କାର୍ଯ୍ୟକୁ ସେ ପ୍ରଶଂସା କରିଛନ୍ତି ।

ପୂର୍ବରୁ ଶ୍ରୀ ଶାହା ନାଗପୁର ଜିଲ୍ଲାର କାମ୍ପତୀ ବ୍ଲକ୍ ଅନ୍ତର୍ଗତ ଚିଚୋଲି ଠାରେ ଜାତୀୟ ଫରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପ୍ରତିଷ୍ଠା ଲାଗି ଶିଳାନ୍ୟାସ କରିଛନ୍ତି । ପ୍ରାୟ ୫୦ ଏକରରୁ ଊର୍ଦ୍ଧ୍ୱ ପରିମିତ ଜମିରେ ସ୍ଥାପନ ହେବାକୁ ଥିବା ଏହି ବିଶ୍ୱବିଦ୍ୟାଳୟ ମହାରାଷ୍ଟ୍ରର ପ୍ରଥମ ତଥା ଦେଶର ଏକାଦଶ ଫରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଭାବେ ବିବେଚିତ ହେବ । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିଶ୍ ଓ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ ମଧ୍ୟ ଉପସ୍ଥିତ ଥିଲେ ।

ମହାରାଷ୍ଟ୍ର ଗସ୍ତ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଆସନ୍ତାକାଲି ମାଧବାଗ ଲକ୍ଷ୍ମୀନାରାୟଣ ମନ୍ଦିରର ୧୫୦ତମ ବାର୍ଷିକୀ ପରିପ୍ରେକ୍ଷୀରେ ଆୟୋଜିତ ହେବାକୁ ଥିବା ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## କୋଭିଡ୍-ଦିଲ୍ଲୀ

ଦେଶରେ ବିଭିନ୍ନ ସ୍ଥାନରେ ଦେଖାଦେଇଥିବା କୋଭିଡ୍ ସଂକ୍ରମଣ ସ୍ଥିତି ଉପରେ ସମନ୍ୱିତ ରୋଗ ସର୍ଭେଲାନ୍ସ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର

ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଭାରତୀୟ ଭେଷଜ ଗବେଷଣା ପରିଷଦ – ଆଇ.ସି.ଏମ୍.ଆର୍.ର ମହାନିର୍ଦ୍ଦେଶକ ଡକ୍ଟର ରାଜୀବ ବହଲ୍ ଆଜି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ସଂକ୍ରମଣର ତୀବ୍ରତା କମ୍ ଥିବା ଦୃଷ୍ଟିରୁ ବର୍ତ୍ତମାନର ସ୍ଥିତି ପରିପ୍ରେକ୍ଷୀରେ ଭୟଭିତ ହେବାର କୌଣସି କାରଣ ନାହିଁ । ତେବେ ଏଥିପ୍ରତି ସର୍ବଦା ସତର୍କ ରହିବା ଲାଗି ଡକ୍ଟର ବହଲ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି **ସୁନିଶ୍ଚିତ ଅଗ୍ନି ନିରାପତ୍ତା: ଧନଜୀବନର ସୁରକ୍ଷା** । ଦିଲ୍ଲୀ ଅଗ୍ନିଶମସେବା ନିର୍ଦ୍ଦେଶାଳୟର ପରାମର୍ଶଦାତା ପ୍ରଶାନ୍ତ ଲୋନକର ଏବଂ ନିର୍ଦ୍ଦେଶକ ଅତୁଲ ଗର୍ଗ ଏହି ଆଲୋଚନାରେ ବିଶେଷଜ୍ଞ ଭାବେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ରାତି ୯ଟା ୩୦ ମିନିଟ୍ ପରେ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ

ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଫରେନ ଡେଲିଗେସନ

କଂଗ୍ରେସ ସାଂସଦ ଶଶୀଥରୁରଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଗତକାଲି ଗାଏନାଠାରେ ପହଞ୍ଚିଛନ୍ତି । ଶ୍ରୀ ଥରୁର ଗାଏନାର ଉପରାଷ୍ଟ୍ରପତି ଭାରତ ଜଗଦେଓ ଏବଂ ପ୍ରଧାନମନ୍ତ୍ରୀ ବ୍ରିଗେଡିୟର୍ ମାର୍କ ଆନ୍ଥୋନୀ ଫିଲସ୍ପଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ପରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଥରୁର କହିଛନ୍ତି, ଭାରତ ତଥା ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସହିତ ସନ୍ତ୍ରାସବାଦ ବିପକ୍ଷ ଲଢ଼େଇରେ ଭାରତର ପଦକ୍ଷେପକୁ ଉଭୟ ନେତା ଦୃଢ଼ ସମର୍ଥନ ଜଣାଇଛନ୍ତି । ଏହାଛଡ଼ା ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଅନେକ ସୁଯୋଗ ରହିଛି ବୋଲି ଶ୍ରୀ ଥରୁର କହିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ଥରୁର ଗାଏନାର ୫୯ତମ ସ୍ୱାଧୀନତା ଦିବସ ସମାରୋହରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି ।

ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ଆଜି କାତାରର ବୈଦେଶିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ମହମ୍ମଦ ବିନ୍ ଅବଦୁଲ୍

ଅଜିଜ୍ ଅଲ୍ ଖୁଲାଇଫିଙ୍କ ସହିତ ଆଲୋଚନା କରିଛନ୍ତି । ସନ୍ତ୍ରାସବାଦ ବିପକ୍ଷରେ ଭାରତର ଶୂନ୍ୟ ସହନଶୀଳତା ନୀତି ଏବଂ ପାକିସ୍ତାନର ସନ୍ତ୍ରାସବାଦ ଆକ୍ରମଣ ବିରୁଦ୍ଧରେ ଅପରେସନ ସିନ୍ଦୂର ସମ୍ପର୍କରେ ସେ ଶ୍ରୀ ଖୁଲାଇଫିଙ୍କୁ ଅବଗତ କରାଇଛନ୍ତି । ଶ୍ରୀ ଖୁଲାଇଫି ଆଞ୍ଚଳିକ ସ୍ଥିରତା ଏବଂ ଶାନ୍ତି ବଜାୟ ରଖିବା ଦିଗରେ ଭାରତର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଏହାଛଡ଼ା ସୁପ୍ରିୟା ସୁଲେ ଆଜି କାତାର ଶୁରା ପରିଷଦର ଉପବାଚସ୍ପତି ଡକ୍ଟର ହାମ୍‌ଦା ଅଲ୍ ସୁଲାଇତିଙ୍କ ସମେତ ଅନ୍ୟ ସାଂସଦମାନଙ୍କୁ ଭେଟି  ସନ୍ତ୍ରାସବାଦ ବିପକ୍ଷରେ ଭାରତର ଦୃଢ଼ ବାର୍ତ୍ତା ସମ୍ପର୍କରେ ଅବଗତ କରାଇଛନ୍ତି ।

ସେହିଭଳି ଡି.ଏମ୍.କେ. ସାଂସଦ କାନିମୋଝୀ କରୁଣାଧିଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ସ୍ଲୋଭେନିଆରେ ପହଞ୍ଚି ସେଠାକାର ବିଶିଷ୍ଟ ସାଂସଦ କୂଟନୀତି ବିଶେଷଜ୍ଞଙ୍କ ସହିତ ଅପରେସନ ସିନ୍ଦୂରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି । ଅନ୍ୟ ପକ୍ଷରେ ବିଜେପି ସାଂସଦ ରବି ଶଙ୍କର ପ୍ରସାଦଙ୍କ ନେତୃତ୍ୱାଧୀନ ଦଳ ପ୍ୟାରିସ୍‌ରେ ପହଞ୍ଚି ସନ୍ତ୍ରାସବାଦ ବିପକ୍ଷରେ ଭାରତର ଦୃଢ଼ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଫ୍ରାନ୍ସ ନେତୃମଣ୍ଡଳୀଙ୍କୁ ଅବଗତ କରାଇଛନ୍ତି ।

ଜେ.ଡି.ୟୁ. ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ଆଜି ସିଓଲ୍ ଠାରେ ଦକ୍ଷିଣ କୋରିଆର ନେତୃମଣ୍ଡଳୀଙ୍କୁ ଭେଟି ପହଲଗାମ

ସନ୍ତ୍ରାସବାଦ ଆକ୍ରମଣ ପରେ ଭାରତର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବଗତ କରାଇଛନ୍ତି ।

## ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ପଞ୍ଜାବ କିଙ୍ଗ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଜୟପୁରର ସବାଇ ମାନସିଂ ଷ୍ଟାଡିୟମରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ । ମିଳିଥିବା ସୂଚନା ଅନୁଯାୟୀ ପଞ୍ଜାବ କିଙ୍ଗସ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲି ଆଇପିଏଲ୍‌ରେ ୨ଟି ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ଗୁଜରାଟ ଟାଇଟନ୍‌ସକୁ ୮୩ ରନ୍‌ରେ ପରାସ୍ତ କରିଥିବା ବେଳେ  ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୧୧୦ ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରିଥିଲା ।